ପ୍ରେସ୍‌ନୋଟ୍

# ଶୈଳଶ୍ରୀକ୍ଷେତ୍ରରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ।

ଅନୁଗୋଳ,ତା.୨୩.୬:- ଆସନ୍ତା ମାସ ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜିଉମାନଂକର ପବିତ୍ର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଆଜି ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୁଲାଇ ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଗୁଣ୍ଡିଚାଯାତ୍ରା ଓ ୯ ତାରିଖରେ ହେବାକୁ ଥିବା ବାହୁଡା ଯାତ୍ରାକୁ ଶାନ୍ତି ଶୃଖଳାର ସହ ପରିଚାଳନା କରିବା ନିମନ୍ତେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ ଡେପୁଟୀ କଲେକ୍ଟର ମଧୁସ୍ମିତା ବିଶି ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଚଳିତ ବର୍ଷର ରଥଯାତ୍ରାକୁ ସୁଚାରୁରୁପେ ପରିଚାଳନା କରିବା ନିମନ୍ତେ ସମସ୍ତଂକର ସହଯୋଗ କାମନା କରିଥିଲେ । ମନ୍ଦିର ପରାଚାଳନା କମିଟିର ସମ୍ପାଦକ ଶ୍ରୀ ହେମନ୍ତ କୁମାର ଦାସ ଏହି ବୈଠକକୁ ପରିଚାଳନା କରିବା ସହ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ନିର୍ଦ୍ଧାରିତ ସମୟ ଚଳିତ ମାସ ୨୬ ତାରିଖ ସୁଦ୍ଧା ରଥ ନର୍ମାଣ କାର୍ଯ୍ୟ ଶେଷ ହୋଇ ନିରାପତ୍ତା ପ୍ରମାଣ ପତ୍ର ପ୍ରଦାନ କରିବାକୁ ଦାୟିତ୍ୱରେ ଥିବା ଅନୁଗୋଳ ଉପଜିଲ୍ଲାପାଳ ଓ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଂକୁ ପରାମର୍ଶ ଦିଆଯାଇଛି । ରଥ ଚାଲୁଥିବା ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଖାଲଖମା ଗୁଡିକରେ ପାଣି ଜମି ରହୁଥିବାରୁ ସେଗୁଡିକୁ ସମାନ କରିବା ସହ ଆରକ୍ଷୀ ଅଧିକ୍ଷକଂକ କାର୍ଯ୍ୟାଳୟ ପାଖରୁ ରଥ ବାହାରିବା ସମୟରେ ପଡୁଥିବା ଗଡାଣିକୁ ମରାମତି କରିବାକୁ ପରାମର୍ଶ ଦିଆଯାଇଛି । ହରିମହୁରୀ ଛକ ଠାରୁ ପି ଟି ସି ଛକ ମଧ୍ୟରେ ଯାନବାହାନ ଚଳାଚଳକୁ ନିୟନ୍ତ୍ରଣ କରିବା ସହ ରଥର ସୁରକ୍ଷା ନିମନ୍ତେ ଆବଶ୍ୟକ ପୋଲିସ କର୍ମଚାରୀ ମୃତୟନ କରିବାକୁ ଉପସ୍ଥିତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରସନ୍ନ କୁମାର ବିଶ୍ୱାଳଂକୁ ଅନୁରୋଧ କରାଯାଇଛି । ଏହାଛଡା ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ରାସ୍ତା ମରାମତି, ଶୁଖିଲା ଗଛ ଡାଳ କାଟିବା, ଅସ୍ଥାୟୀ ଦୋକାନଗୁଡିକର ସ୍ଥାନାନ୍ତର ରଥ ଯାତ୍ରା ପୂର୍ବରୁ ଶେଷ କରିବାକୁ ପରାମର୍ଶ ଦିଆଯାଇଛି । କୋଭିଡ ପାଇଁ ବିଗତ ୨ ବର୍ଷ ଶ୍ରୀଜିଉମାନଂକର ରଥଯାତ୍ରା ହୋଇପାରି ନ ଥିବାରୁ ଚଳିତ ବର୍ଷ ଭକ୍ତମାନଂକର ସମାଗମକୁ ଦୃଷ୍ଟିରେ ରଖି ଭ୍ରାମ୍ୟମାଣ ଗାଡି ସାହାଯ୍ୟରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା, ଟ୍ୟାଂକର ଯୋଗେ ପାନୀୟ ଜଳ ଯୋଗାଣ, ୩ଟି ରଥରେ ନିୟୋଜିତ ସେବାୟତ ଓ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଂକୁ ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା ତଥା ସହରକୁ ପରିଷ୍କାର ପରିଛନ୍ନ ରଖିବା ନିମନ୍ତେ ବିଭାଗୀୟ ଅଧିକାରୀମାନଂକୁ ପରାମର୍ଶ ଦିଆଯାଇଛି । ଷ୍ଟେଟ ବ୍ୟାଂକ ତରଫରୁ ବ୍ୟାଂକ ସମ୍ମୁଖରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ବିଭାଗୀୟ ଅଧିକାରୀମାନଂକ ଦ୍ୱାରା ରଥଯାତ୍ରା ପରିଚାଳନା କାର୍ଯ୍ୟ ତଦାରଖ କରାଯିବା ସହ ଜଗନ୍ନାଥ ସଂସ୍କୃତି ଓ ଘୋଷ ଯାତ୍ରା ସମ୍ପର୍କରେ ଧାରା ବିବରଣୀ କାର୍ଯ୍ୟ ପରିଚାଳନା କରିବାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଂକୁ ପରାମର୍ଶ ଦିଆଯାଇଛି । ଗୁଣ୍ଡିଚା ଯାତ୍ରା ଠାରୁ ବାହୁଡା ଯାତ୍ରା ୯ ଦିନ ବ୍ୟାପି ପ୍ରତ୍ୟହ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଂକ ନିମନ୍ତେ ଗୁଣ୍ଡିଚା ମନ୍ଦିର ଠାରେ ସଂସ୍କୃତି ବିଭାଗ ଓ ସ୍ଥାନୀୟ କଳାକାରମାନଂକ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରଥଟଣା କାର୍ଯ୍ୟକୁ ଶୃଖଳିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଂକୁ ଯଥାକ୍ରମେ ଜଗନ୍ନାଥ,ବଳଭଦ୍ର ଓ ଶୁଭଦ୍ରାଂକ ରଥ ଟଣା ଦାୟିତ୍ୱ ପ୍ରଦାନ କରାଯାଇଛି । ଚଳିତ ବର୍ଷ ସକାଳ ୯

ଘଟିକା ସମୟ୍ରେ ପହଣ୍ଡି ବିଜେ, ଅପରାହ୍ନ ୧୨ ଘଟିକାରେ ଛେରା ପହରା ଓ ଅପରାହ୍ନ ୨ ଘଟିକା ୩୦ ମିନିଟ୍‌ରେ ରଥଟଣା କାର୍ଯ୍ୟର ଶୁଭାରମ୍ଭ ହେବ । ସେହିପରି ସକାଳ ୭ ଘଟିକା ୩୦ ମିନିଟ୍ ସମୟ୍ରେ ରଥରେ ଚାରମାଳ ଲାଗିବ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ,ଅନୁଗୋଳ ପୌରପାଳିକାର ଅଧ୍ୟକ୍ଷ ତଥା ଓଡିଶା କ୍ରିକେଟ ଆସୋସିଏସନର ଉପସଭାପତି ଶ୍ରୀ ଅକ୍ଷୟ୍ କୁମାର ସାମନ୍ତ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ଶ୍ରୀ ପରମାନନ୍ଦ ମିଶ୍ର, ଶ୍ରୀ ଭବାନୀ ପ୍ରସାଦ ମିଶ୍ର, ଶ୍ରୀ ଆନନ୍ଦ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ତଥା ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ୍ ଅଧିକାରୀମାନେ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା.୩୫୧ ତା.୨୩.୦୬.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

